## ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଜୟପୁର, (ନି.ପ୍ର.): ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ଅଭିଯୋଗକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳର ଜଗଦୀଶ ସିଂ (୩୭) । କୋରାପୁଟ ଜିଲା ବି.ସିଂପୁର ଅଞ୍ଚଳର ରଞ୍ଜିତା କୁମାରୀ ସିଂ ୨୦୧୯ରେ ଜଗଦୀଶଙ୍କୁ ବିବାହ କରିଥିଲେ। ବିବାହ ପରେ ରଞ୍ଜିତଙ୍କୁ ଜଗଦୀଶ ନିର୍ଯାତନା ଦେଉଥିଲେ । ପରେ ସେ ଦ୍ୱିତୀୟ ବିବାହ କରି ରଞ୍ଜିତାଙ୍କୁ ଘରୁ ବାହାର କରିଦେଇଥିଲେ । ଏନେଇ ରଞ୍ଜିତା ମହିଳା ଥାନାରେ ଅଭିଯୋଗ କରିବାରୁ ପୋଲିସ ୬୬/୨୦ ମାମଲା ରୁଜୁକରି ଜଗଦୀଶଙ୍କୁ କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ମମତା ପାଣିଗ୍ରାହୀ ତଦନ୍ତ ଦାୟିତ୍ୱରେ ଅଛନ୍ତି।

### ସଂକ୍ଷେପରେ

## ନିଆଁ ଲାଗି ୧୫ ଏକର ଧାନ ଫସଲ ନଷ୍ଟ



ନନ୍ଦାହାଣ୍ଡି,୧୩।୧୨(ଡି.ଏନ୍.ଏ.)- ନନ୍ଦାହାଣ୍ଡି ବ୍ଲକ୍ ନିଶାନାହାଣ୍ଡି ଗାଁରେ ରବିବାର ୮ ଧାନଗଦାରେ ନିଆଁଲାଗି ୬ଚାଷୀଙ୍କ ୧୫ ଏକର ଫସଲ ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ଗାଁର ଚାଷୀ ବଳରାମ ଭତରା, ଅର୍ଜୁନ ଭତରା,ଡମ୍ବରୁଧର ଭତରା, ଜଗନ୍ନାଥ ଭତରା, ଅର୍ଜୁନ ମାଝି ଏବଂ ଜଗନ୍ନାଥ ହରିଜନ ଅମଳ ଫସଲ ଖଳାରେ ରଖିଥିଲେ। ତେବେ ହଠାତ୍ କୌଣସି କାରଣରୁ ଧାନଗଦାରେ ନିଆଁଲାଗି ପାଉଁଶ ହୋଇଛି। ଖବର ପାଇ ନନ୍ଦାହାଣ୍ଡି ଓ ନବରଙ୍ଗପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ କଷ୍ଟାର୍ଜିତ ବର୍ଷକର ଧାନ ନଷ୍ଟ ଯୋଗୁ ଚାଷୀ ପରିବାର ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ୧୫ ମାସ ହେଲା ଦରମା ପାଇନାହାନ୍ତି ସୋସିଆଲ ୱାର୍କର

ଚିତ୍ରକୋଣ୍ଡା,୧୩।୧୨(ଡି.ଏନ.ଏ.) ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ଜଣେ ଲେଖାଏ ସୋସିଆଲ ୱାର୍କରଙ୍କୁ ନିଯୁକ୍ତ କରାଯାଇଛି। ବ୍ଲକ ପକ୍ଷରୁ ଏମାନଙ୍କୁ ମାସିକ ୪ହଜାର ଟଙ୍କା ଦରମାରେ ସାମାଜିକ ସୁରକ୍ଷା ବିଭାଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ୩ବର୍ଷ ହେଲା ନିୟୋଜିତ କରାଯାଇଛି। ତେବେ ଏମାନଙ୍କୁ ୪ ହଜାର ଟଙ୍କା ଦେବାକୁ କୁହାଯାଇଥିବା ବେଳେ କିଛି ମାସ ପରେ ୧୫ ମାସ ଯାଏ ୧୫ଶହ ଲେଖାଏ ଦେଇ କାମ କରାଯାଇଛି। ଏବେ ୧୫ ମାସ ହେଲା ଆଉ ଆଦୌ ଦରମା ମିଳିନାହିଁ। ସମସ୍ତ ପ୍ରକାର ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା, କୁଷ୍ଠରୋଗୀ ଚିହ୍ନଟ କରି ସେମାନଙ୍କ ଭତ୍ତା ବ୍ୟବସ୍ଥା କରି ଥଇଥାନ କରିବାରେ ସହଯୋଗ କରିବା, ଭତ୍ତା ବାଣ୍ଟିବାରେ ସାହାଯ୍ୟ କରିବା, ଭତ୍ତା ଆସି ନେଇ ପାରୁ ନ ଥିବା ବୃଦ୍ଧାବୃଦ୍ଧଙ୍କ ଘରେ ନେଇ ଭତ୍ତା ଟଙ୍କା ଦେବା, ବିଭିନ୍ନ ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଦରଖାସ୍ତ ଆଣି ସେମାନଙ୍କ ପଞ୍ଜୀକରଣ ପାଇଁ କାର୍ଯ୍ୟାଳୟକୁ ଦେବା ଭଳି ୧୨ ପ୍ରକାର କାର୍ଯ୍ୟ ଏହି ସୋସିଆଲ ୱାର୍କରମାନେ କରୁଥିଲେ। ଦୀର୍ଘ ୧୫ ମାସ ହେଲା ଦରମା ନ ପାଇ ପରିବାର ଚଳାଇବାରେ ସେମନେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ସେମାନଙ୍କ ସମସ୍ୟା ବିଚାରକୁ ନେଇ ଦରମା ଦେବାକୁ ସୋସିଆଲ ୱାର୍କର ବିରାଜ ମଣ୍ଡଳ, ସୁରି ରେଡ୍ଡି, ମାନୁ ଦୋରାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ୮ କୁଇଣ୍ଟାଲ ଗଞ୍ଜେଇ ଜବତ



ଚିତ୍ରକୋଣ୍ଡା,୧୩।୧୨(ଡି.ଏନ.ଏ.) ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଶନିବାର ରାତିରେ ଇସାର ଛକ ନିକଟରୁ ଗଞ୍ଜେଇ ଚାଲାଣ ହେଉଥିବା ଏକ ଟ୍ରକ୍(ଆର୍‌ଜେ-୦୫ ଜିଆର୍ ୬୦୯୫) ଜବତ କରିଛି। ସେଥିରୁ ୮କୁଇଣ୍ଟାଲ ଗଞ୍ଜେଇ ମିଳିଛି। ତେବେ ପୋଲିସକୁ ଦେଖି ଟ୍ରକ୍ ଡ୍ରାଇଭର, ହେଲ୍‌ପର ଓ ଗଞ୍ଜେଇ ନେଇଯାଉଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ଆଖପାଖରେ ସେମାନଙ୍କୁ ଖୋଜାଖୋଜିକରି ପାଇ ନ ଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ୧୩୯/୨୦ରେ ଏକ ମାମଲା ରୁଜୁ ହୋଇଛି। ଏହି ଗଞ୍ଜେଇ ଚାଲାଣରେ ଆନ୍ତଃରାଜ୍ୟ ର୍‍ୟାକେଟ୍‌ର ସମ୍ପୃକ୍ତି ରହିଥିବା ପୋଲିସ ସନ୍ଦେହ କରୁଛନ୍ତି। ଚଢ଼ାଉରେ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଏସ୍‌ଆଇ ସଂଗ୍ରାମ କେଶରୀ ପାଇକରାୟ, ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ଆନ୍ତଃ ରାଜ୍ୟ ଠକେଇ ର୍‍ୟାକେଟର ମାଷ୍ଟର ମାଇଣ୍ଡ ଗିରଫ

■ ବଜାରଦରଠାରୁ ଅଧାରେ ସାମଗ୍ରୀ ଦେବୁ କହି ଠକୁଥିଲେ
■ ଓଡ଼ିଶା ପରେ ଛତିଶଗଡରେ ଆରମ୍ଭ କରିଥିଲେ ଠକେଇ
■ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ

ବୋରିଗୁମ୍ମା,୧୩।୧୨(ଡ଼ିଏନଏ)



ଖବରଦାତା ସମ୍ମିଳନୀରେ ଏସଡିପିଓ ସୂଚନା ଦେଉଛନ୍ତି।

ଏକ ଆନ୍ତଃ ରାଜ୍ୟ ଠକେଇ ର୍‍ୟାକେଟ୍‌ର ମାଷ୍ଟର ମାଇଣ୍ଡକୁ ବୋରିଗୁମ୍ମା ପୋଲିସ ଗିରଫ କରିଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ହରେକୃଷ୍ଣ ମାଝି ସୂଚନା ଦେଇଛନ୍ତି। ତାଙ୍କ ନାମ ଅବଦୁଲ ତାଜୁଦ୍ଦିନ। ବଜାର ଦରଠାରୁ ଅଧା ଦାମ୍‌ରେ ସମସ୍ତ ପ୍ରକାର ଘରୋଇ ଉପକରଣ ଯୋଗାଇଦେବା ନାଁରେ ସେ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକିନେଇ ଚମ୍ପଟ ମାରିଥିଲେ। ୨୦୧୮ରୁ ବିଭିନ୍ନ ରାଜ୍ୟରେ ଏହି ର୍‍ୟାକେଟ ସକ୍ରିୟ ଥିଲା। ଓଡ଼ିଶାର ବୋରିଗୁମ୍ମା ସହରର ହାଟପଡ଼ାରେ ରାଜା ଟ୍ରେଡର୍ସ ନାମରେ ଏକ ଦୋକାନ ଖୋଲିଥିଲା। ଦୀର୍ଘ ୧୫ ଦିନ ମଧ୍ୟରେ ବ୍ଲକ ଅଞ୍ଚଳର ଶତାଧିକ ଗ୍ରାହକଙ୍କୁ ଅଧା ଦାମ୍‌ରେ ବହୁ ନାମୀଦାମୀ କମ୍ପାନୀର ସମସ୍ତ ପ୍ରକାର ଘରୋଇ ଉପକରଣ ଯୋଗାଇଦେବାକୁ ପ୍ରଲୋଭନ ଦେଖାଇ ଅଗ୍ରିମ ଆକାରରେ ଟଙ୍କା ଆଦାୟ କରିଥିଲେ। ଗ୍ରାହକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବା ପରେ ରାତିଅଧିଆ ଚମ୍ପଟ ମାରିଥିଲେ। ବୋରିଗୁମ୍ମା ଅଞ୍ଚଳର ଆଦି ନାରାୟଣଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ସମ୍ପୃକ୍ତ ରାଜା ଟ୍ରେଡର୍ସକୁ ସିଲ୍ କରି ତଦନ୍ତ ଜାରି ରଖିଥିଲା। ଦୁଇ ବର୍ଷ ହେଲା ପୋଲିସ ଏହି ଠକେଇ ଦଳକୁ ଖୋଜୁଥିଲା। କିଛିଦିନ ହେଲା ଏହି ଠକେଇ ର୍‍ୟାକେଟ୍ ଛତିଶଗଡ଼ର ଶକ୍ତି ସହରରେ ଆପୁଲ ହୋମ ନିଡ୍‌ସ ନାମରେ ଦୋକାନ ଖୋଲି ଲୋକଙ୍କୁ ଠକିବାକୁ ଯୋଜନା ଚଳାଇଥିଲା। ଏ ସମ୍ପର୍କରେ ଖବର ପାଇ ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଏବଂ ଏସ୍‌ଆଇ ଶ୍ରୀକାନ୍ତ ସାହୁ ଛତିଶଗଡ଼ରେ ପହଞ୍ଚି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ ଅବଦୁଲ ତାଜୁଦ୍ଦିନଙ୍କୁ ଗିରଫ କରିଥିଲା। ସେତେବେଳକୁ ଏହି ଠକେଇ ଦଳ ଶକ୍ତି ସହରରେ ୩୫ ଜଣ ଗ୍ରାହକଙ୍କଠାରୁ ୬୩ ହଜାର ଟଙ୍କା ଠକି ନେଇସାରିଥିଲା । ପୋଲିସ ସେସବୁ ଟଙ୍କା ଜବତକରି ଗ୍ରାହକଙ୍କୁ ଫେରସ୍ତ କରିଛି। ତାଜୁଦ୍ଦିନଙ୍କୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବୋରିଗୁମ୍ମା ହାଟପଦାଠାରେ ଥିବା ଦୋକାନ ସିଲ୍ ଖୋଲି ଭିତରେ ଥିବା ସମସ୍ତ ଘରୋଇ ଉପକରଣର ଏକ ତାଲିକା ପ୍ରସ୍ତୁତ କରାଯାଇଥିବା ପୋଲିସ ସୂଚନା ଦେଇଛି। ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ମାଝି କହିଛନ୍ତି।

# ଧାନ ବିକ୍ରି ନେଇ ଟୋକନ ମିଳୁନି

### ଚାଷୀ ଅଭାବୀ ବିକ୍ରିର ଶିକାର

ବିଷମକଟକ, ୧୩।୧୨

ଧାନ କିଣା ପାଇଁ ସରକାର ମଣ୍ଡି ଖୋଲୁଛନ୍ତି। ମାତ୍ର ପ୍ରତ୍ୟେକ ବର୍ଷ ଧାନ ବିକ୍ରୟ ଲାଗି ନିୟମ ପରିବର୍ତ୍ତନ କରୁଛନ୍ତି। ଚାଷୀ କିଭଳି ଧାନ ବିକ୍ରି କରିବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରାଯାଉନାହିଁ । ଗତ ଖରିଫ ଋତୁରେ ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରି ରାୟଗଡା ଜିଲାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଥିଲା। ମଣ୍ଡିରେ ମାତ୍ର ୨୨ଜଣ ଚାଷୀଙ୍କଠାରୁ ୧୭୧୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ପ୍ରକୃତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବାରୁ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ଚାଷୀ ଅଭାବ ବିକ୍ରିର ସମ୍ମୁଖୀନ ହୋଇ କୁଇଣ୍ଟାଲ ପିଛା ୧୧ଶହ/୧୨ଶହ ଟଙ୍କାରେ ଦଲାଲଙ୍କୁ



ଖଳାରେ ଧାନ ଗଦାକୁ ଜଗି ରହିଛନ୍ତି ଚାଷୀ ।

ଯେଉଁ ଚାଷୀମାନେ ତାଙ୍କ ଅମଳ ଧାନ ବିକ୍ରି କରିବାକୁ ଚାହୁଁଥିଲେ ସେମାନେ ଟୋକାନ ପାଇଁ ଆବେଦନ କଲେ ସେମାନଙ୍କୁ ଟୋକନ ମିଳୁଥିଲା। ସେମାନେ ନିଜ ଧାନକୁ ବିକ୍ରି କରିପାରୁଥିଲେ। ଚଳିତବର୍ଷ ପୁଣି ଧାନ ବିକ୍ରୟ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଚଳିତବର୍ଷ ପଞ୍ଜୀକୃତ ଚାଷୀମାନେ ପଞ୍ଜୀକରଣ ସମୟରେ ଚାଷୀ ଧାନ ବିକ୍ରି କରିବାର ଆନୁମାନିକ ତାରିଖ ପ୍ରଦାନ କରାଯାଇ ସେହି ତାରିଖ ମୁତାବକ ଟୋକନ ଦେବାକୁ ନୀତି ନିର୍ଦ୍ଧାରଣ ହୋଇଛି। ଫଳରେ ଅନେକ ଚାଷୀ ଏଯାଏ ଟୋକନ ନପାଇ ଧାନ ଅମଳ କରି ଖଳାରେ ଧାନ ରଖି ଶୀତ କାକରରେ ଜଗି ବସିଛନ୍ତି। ତେବେ ବ୍ଲକରେ ଧାନ ବିକ୍ରି ନିମନ୍ତେ ୧୯୭୩ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୫ ଜଣ ଚାଷୀଙ୍କୁ ଧାନ ବିକ୍ରି ଲାଗି ଟୋକନ ମିଳିଛି । ସେଥିରୁ ଧାନ ବିକିବାକୁ ବାଧ ହେଉଛି। ଚଳିତବର୍ଷ ମଣ୍ଡି ଆରମ୍ଭ ହୋଇ ୧୬ଦିନ ମଧ୍ୟରେ ଯେତିକି ଧାନ କ୍ରୟ କରାଯାଇଛି ଗତବର୍ଷ ଏହାଠାରୁ ଯଥେଷ୍ଟ ଅଧିକ ଧାନ କ୍ରୟ କରାଯାଇଥିଲା। ଏଥର ବେନାମି ଚାଷୀଙ୍କୁ ଧରିବା ପାଇଁ ୧୦ ଏକରରୁ ଅଧିକ ଜମି ଚାଷ କରିଥିବା ଚାଷୀଙ୍କ ଜମିର ବୈଧତା ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଚାଷୀ ଧାନ ବିକ୍ରି କରିବା ପାଇଁ ଅନୁମତି ପାଇବେ। ତୁରନ୍ତ ଚାଷୀଙ୍କୁ ଟୋକନ ଦେଇ ମଣ୍ଡିରେ ଧାନ କିଣାଯିବାକୁ ଚାଷୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତଥର ଧାନ ବିକ୍ରିରେ ହୋଇଥିବା ଚଞ୍ଚକତା ନେଇ ଅଭିଯୋଗ ପରେ ଏହାର ତଦନ୍ତ ହୋଇଥିଲା। ମାତ୍ର ତଦନ୍ତ ପରେ ଏଯାଏ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।



ଶ୍ରାଦ୍ଧ ବେଶରେ ସଜ୍ଜିତ ହୋଇଥିବା ଶ୍ରୀଜୀଉ।

## ଶ୍ରାଦ୍ଧ ବେଶରେ ଶ୍ରୀଜୀଉ

ଜୟପୁର, ୧୩।୧୨(ନି.ପ୍ର.)

ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ଶ୍ରାଦ୍ଧ ବେଶରେ ସଜ୍ଜିତ କରାଯାଇଛି । ଆଜି ଦେବ ଦୀପାବଳି ହୋଇଥିବାରୁ ପ୍ରଭୁଙ୍କୁ ଏପରି ବେଶରେ ସଜ୍ଜିତ କରାଯାଇଛି । ମନ୍ଦିରରେ ମୁଖ୍ୟ ପୂଜକ ଡମ୍ବରୁଧର ପଣ୍ଡା, ସେବାୟତ ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଛନ୍ତି। କୋଭିଡ୍ ଯୋଗୁ ଭକ୍ତଙ୍କୁ ମନ୍ଦିର ଯିବା ମନା ହୋଇଥିବାରୁ ଏହି ଦୁର୍ଲଭ ଦର୍ଶନରୁ ସେମାନେ ବଞ୍ଚିତ ହୋଇଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢାଉ: ୯ ଗିରଫ

ଜୟପୁର, ୧୩।୧୨ (ନି.ପ୍ର.)

ସ୍ଥାନୀୟ ବ୍ରହ୍ମାସାହିରେ ଜୁଆ ଆଡ୍ଡା ଚାଲିଥିବା ବେଳେ ଖବରପାଇ ଜୟପୁର ଟାଉନ ଥାନା ପୋଲିସ ଚଢାଉ କରିଛି । ୭ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି ସେମାନଙ୍କଠାରୁ ୧୨ ହଜାର ୩୫୦ ଟଙ୍କା ଜବତ ହୋଇଛି । ଅଗାମୀ ଦିନରେ ଏପରି ଚଢାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ବିଜୟ ରାଓଜେନା ଦେଓ ବସ୍ ମାଲିକ ସଂଘ ସଭାପତି

ଜୟପୁର,୧୩।୧୨(ନି.ପ୍ର.)- ଜୟପୁର ବସଷ୍ଟାଣ୍ଡ ସ୍ଥିତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ବିଜୟ କୁମାର ରାଓଜେନା ଦେଓଙ୍କୁ ସଂଘ ସଭାପତି ରୂପେ ମନୋନୀତ କରାଯାଇଛି। ଆଇନ ଉପଦେଷ୍ଟା ଭବେ ତ୍ରିନାଥ ସିଂହ ଲାଲ ଓ ସରୋଜ ଦାଶ ରହିଛନ୍ତି। ଦେଓଙ୍କୁ ସଭାପତି କରିବା ପାଇଁ ବିଶ୍ୱନାଥ ଗେଡ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଦୀପକ କୁମାର ଦାସ ସମର୍ଥନ କରିଥିଲେ।

# ସ୍କୁଲ ବନ୍ଦ୍‌ର କାରଣ ସହ ରିପୋର୍ଟ ଦିଅନ୍ତୁ

### ଓଡ଼ିଶା ଅଭିଭାବକ ମହାସଂଘର ଦାବି

ନବରଙ୍ଗପୁର,୧୩।୧୨(ବି.ପ୍ର.)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମ୍ ଛାତ୍ରୀଛାତ୍ର ଥିବା ସରକାରୀସ୍କୁଲ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ସର୍ବଦଳୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ତୁରନ୍ତ ମାନିନେବା ପାଇଁ ଓଡ଼ଶା ଅଭିଭାବକ ମହାସଂଘ ସାରା ଓଡ଼ିଶାରେ ଦାବି କରୁଛି। ନବରଙ୍ଗପୁର ତୃପ୍ତି ହୋଟେଲଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ଅଧକ୍ଷ୍ୟ ବାସୁଦେବ ଭଟ୍ଟ ବିଭିନ୍ନ ଦାବି ରଖିଛନ୍ତି। ସରକାର ଓ ଡିଇଓମାନେ ତୁରନ୍ତ ପ୍ରତ୍ୟେକ ସ୍କୁଲ ବନ୍ଦ ହେବାର କାରଣ ସହ ଏକ ରିପୋର୍ଟ ପ୍ରଦାନ କରନ୍ତୁ, ସର୍ବ ଦଳୀୟ ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଉ, ବେଆଇନଭାବେ ଚାଲିଥିବା ବିନା ସ୍ୱୀକୃତିପ୍ରାପ୍ତ ଘରୋଇ ସ୍କୁଲଗୁଡ଼ିକୁ ଶୀଘ୍ର ବନ୍ଦ କରିବା ଓ ନକଲି ସ୍କୁଲ ମାଲିକଙ୍କୁ ଗିରଫ କରିବା, ଜିଲାସ୍ତରୀୟ ସ୍କୁଲ ମିଶ୍ରଣ କମିଟି ପୁର୍ନଗଠନ କରାଯାଇ ଏଥିରେ ଏମ୍‌ପି, ବିଧାୟକ, ପଞ୍ଚାୟତିରାଜ ନିର୍ବାଚିତ ଜନ ପ୍ରତିନିଧି, ଶିକ୍ଷାବିତ୍ ଓ ଅଭିଭାବକ ମହାସଂଘ ପରି ସଂଘମାନଙ୍କୁ ନିଆଯିବା ସ୍କୁଲ ବନ୍ଦ୍‌ର ବିକଳ୍ପ ପନ୍ଥା ନିମନ୍ତେ ଶିକ୍ଷାବିତ୍, ବିଶେଷଜ୍ଞ ଓ ଅଭିଭାବକଙ୍କୁ ନେଇ ପରାମର୍ଶ ସଭା ଆୟୋଜନ ପାଇଁ ସଂଘ ଦାବିକରିଛି। ନଚେତ ମହାସଂଘ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ଶିକ୍ଷକ ସଙ୍ଗଠନକୁ ନେଇ ଶିକ୍ଷା ବଞ୍ଚାଅ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ମହାସଂଘର ଅଧ ବାସୁଦେବ ଭଟ୍ଟ ଓ ସହ-ଅଧକ୍ଷ ପ୍ରସନ୍ନ ବିଷୋୟୀ ନବରଙ୍ଗପୁରଠାରେ ଅଭିଭାବକଙ୍କ ସମସ୍ୟା ସବିଷୟରେ ଆଲୋଚନା କରିବା ସହ ଜିଲାରେ ବନ୍ଦ ହେଉଥିବା କେତେକ ସ୍କୁଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲା ଶିକ୍ଷାରେ ପଛୁଆ ଥିବାବେଳେ ସ୍କୁଲ ବନ୍ଦ ହେଲେ ପିଲା ପାଠ ଛାଡ଼ିବେ ବୋଲି ଅନୁଧ୍ୟାନରୁ ସଂଘ ଜାଣିବାକୁ ପାଇଥିବା କୁହାଯାଇଛି। ତେଣୁ ବେଆଇନ ଘରୋଇ ସ୍କଲ ବନ୍ଦ କରି ସରକାରୀ ସ୍କୁଲ ଚଳାଇବାକୁ ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ପ୍ରସନ୍ନ ବିଶୋଇ, ଜିଲା ଆବାହକ ଗଜେନ୍ଦ୍ର କୁମାର ଦାସ, ସହ ଆବାହକ ହରି ନାରାୟଣ ବେହେରା, ଯୁଗ୍ମ ଆବାହକ ସିରାଜୁଦ୍ଦିନ ଅହମଦ, ସମ୍ପାଦକ କପିଳ ମହାରଣା ଉପସ୍ଥିତ ଥିଲେ।

## ମାଟିଲଗ୍ନା ସାହିତ୍ୟ ସଂସଦର ଶୀତକାଳୀନ ସାରସ୍ୱତ ସମାରୋହ

ଜୟପୁର, ୧୩।୧୨(ନି.ପ୍ର.)

ମାଟିଲଗ୍ନା ସାହିତ୍ୟ ସଂସଦ କୋରାପୁଟ ଜିଲା ଶାଖାର ଶୀତକାଳୀନ ସାରସ୍ୱତ ସମାରୋହ ପାରାବେଡ଼ାସ୍ଥିତ ବିଜୟ ନାରାୟଣ ସଭାକକ୍ଷରେ ଅନୁଷ୍ଠିତ ହୋଇଛି । ସଂସଦ ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗର ସ୍ୱତନ୍ତ୍ର ବିଚାରପତି ଶ୍ରୀକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କିଶୋରଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମହାଦେବ ଶତପଥୀ ଯୋଗଦେଇ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ମଟିଲଗ୍ନା ସାହିତ୍ୟ ସଂସଦର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ସୂର୍ଯ୍ୟନାରାୟଣ ସାବତ ସ୍ୱାଗତ ସୂଚନା, ତପସ୍ୱିନୀ କୁମାରୀ ସାହୁ ଅତିଥି ପରିଚୟ ଦେଇଥିଲେ। ପ୍ରମୋଦ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସଂସଦର ଉପସଭାପତି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ରୂପେ ଶୋଭାଗିନୀ ନନ୍ଦ ଯୋଗ ଦେଇଥିଲେ। ଅଶୋକ ମହାରଣା ଏବଂ ଘାସିରାମ ମହାପାତ୍ର କବିତା ସଂଯୋଜନା କରିଥିଲେ। ସୁଧାଂଶୁ ଶେଖର ପଟ୍ଟନାୟକ ଦ୍ୱିତୀୟ ଅଧିବେଶନର ଅତିଥି ପରିଚୟ ଏବଂ ଅନନ୍ତ ବିଜୟ ଧୀବର ଧନ୍ୟବାଦ ଦେଇଥିଲେ । କଣ୍ଠଶିଳ୍ପୀ ପୁଷ୍ପାଦେବୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।

## ଆଦିବାସୀ ଚାଷୀ ମୂଳିଆ ନେତା ନାଚିକାଙ୍କୁ ରବି ରାୟ ସ୍ମାରକୀ ସମ୍ମାନ



ନାଚିକାଙ୍କୁ ଅତିଥିମାନେ ସମ୍ମାନିତ କରିଛନ୍ତି।

କୋରାପୁଟ,୧୩।୧୨(ସ୍ୱ.ପ୍ର.)

ନାରାୟଣପାଟଣା ଆଦିବାସୀ ଚାଷୀ ମୂଳିଆ ସଂଘର ନେତା ନାଚିକା ଲିଙ୍ଗାଙ୍କୁ ରବିବାର ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଲୋହିଆ ଏକାଡେମୀ ପକ୍ଷରୁ କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ଆୟୋଜିତ ଏକ ଉତ୍ସବରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ନାଚିକାଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ସାମନ୍ତରା ତାଙ୍କ ବକ୍ତବ୍ୟରେ ରାଜ୍ୟର ଆଦିବାସୀଙ୍କ ଅଧିକାର ପାଇଁ ଜମି- ଜଳ-ଜଙ୍ଗଲ ସୁରକ୍ଷା ଆନ୍ଦୋଳନ ପ୍ରତି ରବି ରାୟଙ୍କ ସମର୍ଥନ ଓ ସହଯୋଗ ଥିଲା । ଗଣତାନ୍ତ୍ରିକ ରାସ୍ତାରେ ନିଜ ଅଞ୍ଚଳର ଆଦିବାସୀ ସମାଜ ସାମ୍ବିଧାନିକ ଅଧିକାର ପାଇଁ ସଂଗ୍ରାମ ଜାରି ରଖିଥିବାରୁ ନାଚିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି ସେ କହିଥିଲେ। ନାଚିକାଙ୍କ ସ୍ତ୍ରୀ ଟିକୋଇ ନାଚିକା, ଆଇନଜୀବୀ ଗୁପ୍ତେଶ୍ୱର ପାଣିଗ୍ରାହୀ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ନୃସିଂହାନନ୍ଦ ପାଣିଗ୍ରାହୀ, ମାଲକାନଗିରି ଆଦିବାସୀ ସଂଘ ଉପଦେଷ୍ଟା ବିଜୟ ଉପାଧ୍ୟାୟଙ୍କ ସମେତ ସେମିଳିଗୁଡା, ପଟ୍ଟାଙ୍ଗୀ ଓ କୋରାପୁଟ ଅଞ୍ଚଳର ବହୁ ଆଦିବାସୀ ନେତାମାନେ ଉପସ୍ଥିତ ଥିଲେ। ଲୋହିଆ ଏକାଡେମୀର ସହଯୋଗୀ ମାନସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

### ରାୟଗଡ଼ା ବ୍ଲକ ଗସ୍ତ

ରାୟଗଡ଼ା ଅଫିସ,୧୩।୧୨





ଜିଲାପାଳ ଗୋଷ୍ଠୀ ସ୍ନାନାଗାର ପରିଦର୍ଶନ କରୁଛନ୍ତି ।

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ରବିବାର ରାୟଗଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ପିତାମହଲ ପଞ୍ଚାୟତସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ସହ କୋଡେସୁ ୟୁ.ପି. ସ୍କୁଲ ପରିଦର୍ଶନରେ ଯାଇ ତାହାର ଭିତ୍ତିଭୂମି ଯାଞ୍ଚ କରିଥିଲେ। ସ୍କୁଲ ନିମନ୍ତେ ନବ ନିର୍ମିତ ଭୋଜନାଳୟ, କୋଡେସୁ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ, ସୋଲାର୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ନିର୍ମିତ ଗୋଷ୍ଠୀ କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ପିଲାଙ୍କୁ ପ୍ରଦାନ କରାଯାଇଥିବା ୨ ହଳ ପୋଷାକ, ଜୋତା, ମୋଜା ଏବଂ ପୁଷ୍ଟିକର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ସେହିପରି ବଡ଼ ଇରୁକୁବାଡ଼ି ପଞ୍ଚାୟତର ଟୋକାପାଡୁ ଗାଁ ପରିଦର୍ଶନ କରି ଅର୍ଥ କମିଶନ ପାଣ୍ଠିରେ ନିର୍ମିତ ଗୋଷ୍ଠୀ ସ୍ନାନାଗାର, ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟରେ ନିର୍ମିତ ଭୋଜନାଳୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟୋକାପାଡୁ ଗ୍ରାମ୍ୟରାସ୍ତା, ୫ ଲକ୍ଷ ବ୍ୟୟରେ ନିର୍ମାଣାଧୀନ ନୂତନ ପୋଖରୀ ଓ ୧. ୭୬ ଲକ୍ଷ ବ୍ୟୟରେ ନିର୍ମିତ ବହୁମୁଖୀ ଫାର୍ମ ପୋଖରି ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ଗ୍ରାମରେ ନିର୍ବାଚିତ ପ୍ରତିନିଧି, ଜବ୍ କାର୍ଡଧାରୀ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କ ସହ ଛତୁଆ ବଣ୍ଟନ, ପୃଷ୍ଟିକର ଖାଦ୍ୟ, କୃଷି ଭତ୍ତା ପ୍ରଦାନ, ପଡିକାର୍ଡ଼ ଓ ସାଧାରଣ ବଣ୍ଟନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଗ୍ରାମରେ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିମନ୍ତେ ବିଡିଓ ରାଜେନ୍ଦ୍ର ରାଜେନ୍ଦ୍ର ମାଝିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗାଜିଗାଁଠାରେ ରାଜ୍ୟ ଅର୍ଥ କମିଶନ ପାଣ୍ଠିରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ସାପ୍ତାହିକ ହାଟ ବୁଲି ଦେଖିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଡିସି ରାସ୍ତାଠାରୁ ଗାଣ୍ଡାବାଲସା ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତାକାମ ସମ୍ପୂର୍ଣ୍ଣ ତଥା ଜାଙ୍ଗେସୁ ନଦୀରେ ଆର୍‌ଡି ବିଭାଗ ତରଫରୁ ନିର୍ମାଣଧୀନ ହାଇ ଲେବେଲ ପୋଲ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗାଜିଗାଁ ପଞ୍ଚାୟତରେ ପୂର୍ବ ବର୍ଷ ଓ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବକେୟା ରୟାଲିଟି ଦେୟ ଶୀଘ୍ର ପୈଠ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଜେମାଦେଇପେଣ୍ଠ ପଞ୍ଚାୟତର ଆନନ୍ଦପୁର ଗ୍ରାମରେ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ, ସ୍ନାନାଗାର ଓ ଆବାସ ଗୃହ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଗସ୍ତବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମକୃଷ୍ଣ ଗଣ୍ଡ, ବିଡିଓ ରାଜେନ୍ଦ୍ର ମାଝି, ଏବିଡିଓ କାଳୁ ଚରଣ ନାୟକ ଜିପିଇଓ ଗୋପାଳ ପଣ୍ଡା, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

